# ଭଲ ମଣିଷ

- ନୀଳାମ୍ବର ରଥ

ଭଲକରି ଦେଖ
ଟିକେ ନିରେଖି ଦେଖ
ଆଖି ଖୋଲାକରି ଦେଖ
ଆଖି ବନ୍ଦ କରି ବି ଦେଖ
ସବୁକିଛି ଦେଖିପାରିବ
ଠିକ୍ ଠିକ୍ ।

ଯଦି ସାଦା ଆଖିରେ ଦିଶୁନି
ତୃତୀୟ ନୟନ ଖୋଲିଦିଅ
ଦେଖିଲା ପରେ ଥରେ ଭାବ
ଭଲକରି ଭାବ, ପୁଣି
ଭାବିଲା ପରେ ଟିକେ
ମନକୁ ପଚାର,
ବିବେକକୁ ବି ପଚାରିପାର ।

ନିଶ୍ଚିତ ହୁଅ-
ଯାହା ଦେଖିଲ
ଠିକ୍ ଦେଖିଲ ।

ଅନ୍ୟମାନେ
କିଏ କ'ଣ ଦେଖିଲେ
ଚିନ୍ତା କରନି,
ତୁଳନା କରିବା ବି
ଦରକାର ନାହିଁ
ତମେ ଯାହା ଦେଖିଲ-
ତା' ଠିକ୍ ।
ହଁ, ଖାଲି ଠିକ୍ କରି
ଦେଖିପାରିଲେ ହେଲା ।

ଦେଖ
ଭଲକରି ଦେଖ,
ମଣିଷକୁ ପରଖି ଦେଖ
ପରବାୟ କରନି-

ହୁଏତ ପୂରା ଜୀବନ
କଟିଯାଇପାରେ
ଏମିତି ପରଖିବାରେ ।

ଏଇ ଗୋଟେ ଛୋଟ ଟିପସ୍
ପାଖରେ ରଖ
କାମରେ ଆସିପାରେ:
ଚାହିଁଲେ ଦେଖିପାରିବ-
ସବୁ ଭଲମଣିଷ ଭିତରେ
ହୁଏତ କୋଉଠି ଅଛି ଗୋଟେ
ସୁଦୁ ସଇତାନ୍
ଆଉ ସବୁ ସଇତାନ୍ ଭିତରେ
ଗୋଟେ ଭଲମଣିଷ !

କେମିତି ଦେଖୁଛ ଦେଖ
ଯେମିତି ଦେଖିବ-
ସେମିତି ଦିଶିବ
ଦୁନିଆ ।

- 

**Feedback:** rath.nilambar@gmail.com